# ତହସିଲଦାରଙ୍କ କାର୍ଯ୍ୟାଳୟ ବୋଲଗଡ, ଖୋର୍ଦ୍ଧା

ଫୋନ ନଂ 06755-232053, ଇ – ମେଲ tahasildarbolagarh@yahoo.in

ବିଜ୍ଞାପନ ସଂଖ୍ୟା 5163 / ତାରିଖ – 03/12/2022

ଲଘୁ ଖଣି ଦ୍ରବ୍ୟ ଲିଜ ନିମନ୍ତେ

ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା 23.12.2022 ରିଖରେ ଲଘୁ ଖଣି ଦ୍ରବ୍ଯକୁ ଅନୁନ୍ୟ 5 (ପାଞ୍ଚ) ବର୍ଷ ନିମନ୍ତେ 2022-23 ଠାରୁ 2026-27 ପର୍ଯନ୍ତ ଦୀର୍ଘମିଆଦି ଲିଜ ସୂତ୍ରେ ଗୋବର୍ଦ୍ଧନପୁର Boulder Quarryର ନିଲାମ ସ୍ଥିରିକୃତ ହୋଇଅଛି । ଏ ସମ୍ପର୍କରେ ସବିଶେଷ ବିବରଣୀ ଖୋର୍ଦ୍ଧା ଜିଲ୍ଲା website – www.khordhanic.in ରେ ଉପଲବ୍ଧ ରହିଅଛି ।

ଉକ୍ତ ତାରରିଖରେ ନିଲାମ ହୋଇନଥିବା ସଇରାତ ଉସ ଗୁଡ଼ିକର ନିଲାମ ପୁନଶ୍ଚ ଯଥାକ୍ରମେ ତା 30.12.2022 ଓ ତା 06.01.2023 ଦିବା 11 ଘଟିକା ଧାର୍ଯ୍ୟ କରାଯାଇଅଛି ।

ସବିଶେଷ ବିବରଣୀ ପାଇଁ ତହସିଲ କାର୍ଯ୍ୟାଳୟ ବୋଲଗଡଙ୍କ ସହ ଯୋଗାଯୋଗ କରନ୍ତୁ ।

3/12/22
ତହସିଲଦାର, ବୋଲଗଡ
TAHASILDAR
BOLAGARH

ଉପପତ୍ର ସଂଖ୍ୟା – 5164 ତା - 03/12/2022

ଏହାର ଏକକିତା ନକଲ NIC, ଖୋର୍ଦ୍ଧା / ଡେପୁଟି କଲେକ୍ଟର, ରାଜସ୍ୱ ବିଭାଗ, କଲେକ୍ଟୋରେଟ, ଖୋର୍ଦ୍ଧାଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

3/12/22
ତହସିଲଦାର, ବୋଲଗଡ
TAHASILDAR
BOLAGARH

ଉତ୍ସର ନାମ – ଗୋବର୍ଦ୍ଧନପୁର ବୁଲ୍ଡର ଖଣି

| ମୌଜ | ଖାତା | ପ୍ଲଟ | ରକବା | MGQ | cumପ୍ରତି ଧାର୍ଯ୍ୟ ମୂଲ୍ୟ | ଅତିରିକ୍ତ ମୂଲ୍ୟ | EMD ଅର୍ଥ |
|---|---|---|---|---|---|---|---|
| ଗୋବର୍ଦ୍ଧନପୁର | ୩୬୫ | ୯୬ | ଏ୧.୦୦୦ଡି | ୨୦୦୦cum | ଟ.୧୩୦/- | ଟ.୧୬୦/- | ଟ.୩୦୦୦୦/- |

# ତହସିଲଦାରଙ୍କ କାର୍ଯ୍ୟାଳୟ ବୋଲଗଡ, ଖୋର୍ଦ୍ଧା

ଫୋନ ନଂ 06755-232053, ଇ – ମେଲ tahasildarbolagarh@yahoo.in

ପତ୍ର ସଂଖ୍ୟା – 5165

ତା- 03/12/22

## ଲଘୁ ଖଣି ଦ୍ରବ୍ୟ ଲିଜ ନିମନ୍ତେ

## ବିଜ୍ଞାପନ

ଏତତ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବୋଲଗଡ ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ ସଇରାତ ଉସ (ଲଘୁ ଖଣି ଦ୍ରବ୍ୟ ) କୁ ଅନୁନ୍ୟ 5 (ପାଞ୍ଚ) ବର୍ଷ ୨୦୨୨-୨୩ ଠାରୁ ୨୦୨୬-୨୭ ଦୀର୍ଘ ମିଆଦି ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଓଡିଶା ଲଘୁ ଖଣିଜ  ଦ୍ରବ୍ୟ ରିହାତି ନିୟମ – ୨୦୧୬ ର ଧାରା-୨୭ ଅନୁଯାୟୀ **FORM-M** (3 copies) ପୂରଣ କରି ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ **ରେଜେଷ୍ଟ୍ରି ପୋଷ୍ଟ** କରିଆରେ ତହସିଲଦାର ବୋଲଗଡଙ୍କ ଠିକଣା ରେ ପଠାଇବେ । ଦରଖାସ୍ତରେ ଲିଜ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲିଟ ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଦରଖାସ୍ତ ଗ୍ରହଣର ଶେଷ  ତାରିଖ ତା **22.12.2022** ସମୟ ଅପରାହ୍ନ 5 ଘଣ୍ଟା ଅଟେ । ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଏହି ଲିଜ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ ଉସ ଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।  ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ନୁହେଁ ତଥା କୌଣସି ପ୍ରକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧। ଦରଖାସ୍ତ ପାଉଣା ବବାଦକୁ ଟ୧୦୦୦.୦୦ (ଏକ ହଜାର ଟଙ୍କା ) ର treasury challan ।( ଯାହା ଫେରସ୍ତ ଦିଆଯିବ ନାହିଁ)  ( Head of the Account – 0853-Non-Ferrous Mining and Metallurgical Industries-102-Mineral Concession Fees, Rent and Royalties' )

୨। ଦରଖାସ୍ତ କରିଥିବା ଉସର ନାମ ତପସିଲ ଓ ସରହଦ ବିବରଣୀ

୩। ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ ।

୪। ସ୍ଥିରୀକୃତ EMDର BD ।

୫। ପୂର୍ବ ବର୍ଷର income tax clearance କିମ୍ବା ୧୮ ମାସର ବୈଧ bank guarantee ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟର (Additional Charge) ମୂଲ୍ୟ ଠାରୁ କମ ହୋଇନଥିବ ଏବଂ ଏଥିସହ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବିବରଣୀ ପ୍ରଦାନ କରିବେ ।

୬। ନିଲାମଧାରୀ OMMC Rule-2016ର ନିୟମ-୩୩ (୧-୨୯) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

୭। ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟକୁ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନହିଁ ।

୮। ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭରିଯାନ ଯେପରିକି ହାଇୱା ଇତ୍ୟାଦି ବ୍ୟବହାର କରିବେ ନାହିଁ ।

୯। ନିଲାମଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୦। ସର୍ବୋଚ୍ଚ ନିଲାମଧାରୀ ତହସିଲଦାରଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା Mining Planର ସମସ୍ତ ଖର୍ଚ୍ଚ ବହନ କରିବେ ।

୧୧। ସୂଚନା ଫଳକ ତିଆରିକରି ସେଥିରେ ସୈରାତ ଉସ୍ତର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ ସୂଚନା ଉଲେଖ୍ୟ କରିବେ । ଏହି ବାବଦକୁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

ଦରଖାସ୍ତ ଗୁଡିକ ଉପସ୍ଥିତ ଆବେଦନ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ **ତା 23.12.2022** ରେ ଦିବା ୧୧.୦୦ **ଘଣ୍ଟା** ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବା। ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନହୋଇ ପାରିଲେ ପରବର୍ତୀ ନିଲାମ ଯଥାକ୍ରମେ **ତା.30.12.2022** ଏବଂ **ତା.06.01.2023** ରିଖ ଦିବା୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହେବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ଅତିରିକ୍ତ ରୟାଲିଟ ମୂଲ୍ୟ ଦର୍ଶାଇଥିବା ଦରଖାସ୍ତ କାରୀଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଉସ ନିମନ୍ତେ ସମାନ ରୟାଲିଟ ମୂଲ୍ୟ ଦର୍ଶାଇଥିଲେ ଲଟେରୀ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଯୋଗ୍ୟ ବିବେଚିତ ହୋଇଥିବ ଦରଖାସ୍ତକାରୀ ୭(ସାତ) ଦିନ ମଧ୍ୟରେ କ୍ଷମତା ପ୍ରାପ୍ତ ଅଧିକାରୀ ଦର୍ଶାଇଥିବା Security କୁ ଟଙ୍କା ମାଧ୍ୟମରେ ଜମା ଦେବେ । କ୍ଷମତାପ୍ରାପ୍ତ ଅଧିକାରୀ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଓ ଦରଖାସ୍ତ ରେ ଦେଇଥିବା ରୟାଲିଟ ମୂଲ୍ୟ ଅନୁଯାୟୀ ସମସ୍ତ ଟଙ୍କା ଲିଜ ଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହାପରେ ଲିଜଧାରି ନିଜ ଖର୍ଚରେ ଲିଜ Agreement ବା ଚୁକ୍ତି ( registration Ac- 1908 ଓ ଷ୍ଟାମ୍ପ ଆକ୍ଟ – 1899 ଅନୁଯାୟୀ ) ସମ୍ପାଦନ ପୂର୍ବରୁ ଦୀର୍ଘ ମିଆଦି ଲିଜ ମୂଲ୍ୟ ଦାଖଲ ନକରନ୍ତି ତେବେ ତାଙ୍କର EMD ବାଜ୍ୟାପ୍ତ ହେବ । ଯଦି ସର୍ବାଧିକ ରୟାଲିଟ ମୂଲ୍ୟ ଦର୍ଶାଇଥିବା ଉପରୋକ୍ତ ବ୍ୟକ୍ତି ସର୍ତ୍ତାବଳୀର ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲିଟ ଦର୍ଶାଇଥିବା ଆବେଦନକାରୀ କୁ ସୁଯୋଗ ଦିଆଯିବ ।

ଏହାବ୍ୟତିତ ଆବେଦନକାରୀ ବା ଲିଜ ଧାରି ଦାଖଲ କରିଥିବା ସମସ୍ତ ରୟାଲିଟ ମୂଲ୍ୟର ଶତକଡା 5 ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ଓ ୧୦ ଭାଗ ଅର୍ଥ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ଦେୟ ପଇଠ କରିବାକୁ ପଡିବ । ଧାରା – 28 ଅନୁଯାୟୀ ଲିଜ ଧାରୀଙ୍କ ପ୍ରତେକ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା Dead Rent, Surface Rent ଓ Compensatory afforestation କ୍ଷତିପୂରକ ବନୀକରଣ ) ନିମନ୍ତେ ଫି ଦାଖଲ କରିବାକୁ ପଡିବ ଏବଂ ସରକାରଙ୍କ ଦ୍ୱାରା ଏହି ବାବଦ ବର୍ଦ୍ଧିତ ଫି ମଧ୍ୟ ଦାଖଲ କରିବେ । ସର୍ବୋଚ ନିଲାମଧାରୀ ନିଲାମ ମୂଲ୍ୟର 2% (ଶତକଡା ଦୁଇ ) ଅୟକର ବାବଦକୁ ଜମା କରିବେ ।

ଅବଶ୍ୟକୀୟ ସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରିଟୀ ବାବଦ ଜମା ରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

ଏହି ଲିଜ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ) ନିୟମ, ୨୦୧୬ ଅନୁଯାୟୀ ପରିଚାଳିତ ହେବ। ଯଦି ଏହି ବିଜ୍ଞାପନର ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷର କାରୀଙ୍କ ରହିଛି ।

ଉତ୍ସର ନାମ – ଗୋବର୍ଦ୍ଧନପୁର ବୁଲ୍ଡର ଖଣି

| ମୌଜ | ଖାତା | ପ୍ଲଟ | ରକବା | MGQ | cumପ୍ରତି ଧାର୍ଯ୍ୟ ମୂଲ୍ୟ | ଅତିରିକ୍ତ ମୂଲ୍ୟ | EMD ଅର୍ଥ |
|---|---|---|---|---|---|---|---|
| ଗୋବର୍ଦ୍ଧନପୁର | ୩୬୫ | ୯୬ | ଏ୧.୦୦୦ଡି | ୨୦୦୦cum | ଟ.୧୩୦/- | ଟ.୧୭୦/- | ଟ.୩୦୦୦୦/- |

3/12/22
ତହସିଲଦାର, ବୋଲଗଡ
TAHASILDAR
BOLAGARH

ପରିପତ୍ର ସଂଖ୍ୟା 5166 ତାରିଖ 03/12/22

ଏହାର ଏକକିତା ନକଲ ଜିଲ୍ଲାପାଳ ଖୋର୍ଦ୍ଧା / ଉପଜିଲ୍ଲାପାଳ ଖୋର୍ଦ୍ଧା / ଗୋଷ୍ଠି ଉନ୍ନୟନ ଅଧିକାରୀ ବୋଲଗଡ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

3/12/22
ତହସିଲଦାର, ବୋଲଗଡ
TAHASILDAR
BOLAGARH

ପରିପତ୍ର ସଂଖ୍ୟା 5167 ତାରିଖ 03/12/22

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ ମାଣିକାଗୋଡ଼ା ଙ୍କୁ ପ୍ରଚାର ନିମନ୍ତେ ପ୍ରେରଣା କରାଗଲା । ଏହାର ଏକକିତା ନକଲ ସ୍ଥାନୀୟ ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣା କରାଗଲା ।

3/12/22
ତହସିଲଦାର, ବୋଲଗଡ
TAHASILDAR
BOLAGARH